# ଅରବିନ୍ଦ ଢାଲି ଓଡ଼ିଶା ବିହନ ନିଗମର ଅଧ୍ୟକ୍ଷ

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍‌:**



ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କୁ ଓଡ଼ିଶା ବିହନ ନିଗମର ନୂତନ ଅଧ୍ୟକ୍ଷ ଭାବରେ ନିଯୁକ୍ତି ମିଳିଛି । ଏହି ପଦବୀରେ ଥିବା ଯୋଗେନ୍ଦ୍ର ତ୍ରିପାଠୀ ଇସ୍ତଫା ଦେବାପରେ ଶ୍ରୀ ଢାଲିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ନୂତନ ନିଯୁକ୍ତି ଦେଇଛନ୍ତି । ଢାଲି ଏହା ପୂର୍ବରୁ ଜୟଦେବ ଓ ମାଲକାନଗିରି ନିର୍ବାଚନମଣ୍ଡଳିରୁ ବିଧାୟକ ଥିଲେ । ମାଲକାନଗିରି ଆସନରୁ ସେ ତିନିଥର ବିଜେପି ଟିକେଟରେ ବିଜୟୀ ହୋଇଥିଲେ । ସେ ବିଜୁ ପଟ୍ଟନାୟକଙ୍କ ସରକାର ସମୟରେ ଅନୁଷ୍ଠିତ ଉପନିର୍ବାଚନରେ ଏହି ଆସନରୁ ବିଜୟୀ ହୋଇ ସମସ୍ତଙ୍କୁ ଚକିତ କରିଥିଲେ ।